## ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ବାଇକ୍ ଚାଳକ ମୃତ

ଠାକୁରମୁଣ୍ଡା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ଜୁଆଳିକଟା ଛକ ନିକଟରେ ରବିବାର ଅପରାହ୍ନରେ ଏକ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କପ୍ତିପଦା ବ୍ଲକ ଅନ୍ତର୍ଗତ ଜୀଙ୍କପଦା ଅଞ୍ଚଳର ବାପି ସାହୁ (୩୦)। ଆହତ ପଞ୍ଚାନନ ଦେହୁରୀଙ୍କୁ ଗୁରୁତର ଅବସ୍ଥାରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଗାଡ଼ି ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭୋଗରାଇ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା ୩୦ମିନିଟ୍।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଲଙ୍ଗଳେଶ୍ୱର, ୫।୨(ଡି.ଏନ.ଏ.)-ବସ୍ତା ବ୍ଲକ ସିଂଲା ଥାନା ଅଧୀନ ସିମୁଳିପାଳ ଗ୍ରାମର ଚକ୍ରଧର ଦାସଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ରବିବାର ସକାଳେ ଚକ୍ରଧର ମାନ୍ଧାତା ବଜାର ନିକଟରେ ତମ୍ପଡ଼ା ପାତ୍ରଙ୍କ ନୂତନ ପକ୍କା ଘର ନିର୍ମାଣ କରୁଥିବା ବେଳେ ପରିସ୍ରା ଲାଗିବାରୁ ସେ ନିକଟରେ ଥିବା ଏକ ଗଛମୂଳକୁ ଯାଇଥିଲେ। ଗଛଟି ପୂର୍ବରୁ ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଚାର୍ଜ ହୋଇ ରହିଥିଲା। ସେ ଗଛକୁ ଛୁଇଁବା ମାତ୍ରେ ତଳେ ପଡ଼ି ଚେତାଶୂନ୍ୟ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତ ଚକ୍ରଧରଙ୍କ ପରିବାର ଲୋକେ ସିଂଲା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୪/୨୩) ରୁଜୁ କରି ଘଟଣାର ତଦନ୍ତ କରୁଛି। ଏହାସହ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ଧୂଷୁରୀରେ ଦମକଳ କେନ୍ଦ୍ର ପ୍ରତିଷ୍ଠା ଦାବି

ଧୂଷୁରୀ,୫।୨(ସ୍ୱ.ପ୍ର.)-ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅଧୀନ ୧୦ ପଞ୍ଚାୟତ ବ୍ଲକ ସଦରମହକୁମାଠାରୁ ପ୍ରାୟ ୨୦ କିଲୋମିଟର ଦୂରରେ ରହିଛି। ଏସବୁ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟିଲେ ଧାମନଗରରୁ ଦମକଳ ଆସି ପହଞ୍ଚିବା ବେଳକୁ ଧନ ଜୀବନ କ୍ଷତି ଘଟିସାରିଥାଏ। ଧାମନଗରର ଭୌଗୋଳିକ ସ୍ଥିତି ଅନୁସାରେ ଗୋଟିଏ ଦମକଳ କେନ୍ଦ୍ର ପର୍ଯ୍ୟାପ୍ତ ନୁହେଁ। ବ୍ଲକର କଟସାହି, ଖପରପଦା, ହସନାବାଦ, କାଶିମପୁର, ଫତେପୁର, ରଇପୁର, ବାମକୋରା ପଞ୍ଚାୟତ ସଦର ମହକୁମାଠାରୁ ଦୂରରେ ଥିବାରୁ ଧୂଷୁରୀ ଅଞ୍ଚଳରେ ଏକ ଦମକଳ କେନ୍ଦ୍ର ଆବଶ୍ୟକ। ଏହି ଅଞ୍ଚଳରେ ଏକ ଦମକଳ କେନ୍ଦ୍ର ପ୍ରତିଷ୍ଠା ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ପ୍ରଶାସନ ପକ୍ଷରୁ ଏହାକୁ ଗୁରୁତ୍ୱ ଦେଇ ଧୂଷୁରୀଠାରେ ଦମକଳ କେନ୍ଦ୍ର ପ୍ରତିଷ୍ଠା କରା ନ ଗଲେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବ୍ଲକ କଂଗ୍ରେସ ସଭାପତି ଅଭିଷେକ ରାଉତଙ୍କ ସମେତ ଦଳୀୟ ସଦସ୍ୟ ତଥା ସ୍ଥାନୀୟ ଅଞ୍ଚଳର ହୃଦାନନ୍ଦ ସେଠୀ, ସୁଧୀର ଖଟୁଆ, ପ୍ରସନ୍ନ ଧଳ ପ୍ରମୁଖ ପ୍ରକାଶ କରିଛନ୍ତି।

## ପ୍ରଧାନ ଶିକ୍ଷକଙ୍କ ପରଲୋକ

ପଦ୍ମପୁର, ୫।୨(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଏଡ଼ତାଳ ଭାସ୍କର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ଖମାରୀ (୪୮)ଙ୍କର ବୟସରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ସେ କ୍ୟାନ୍‌ସରରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ଉକ୍ତ ବିଦ୍ୟାଳୟରେ ଏକ ଶୋକସଭା ଆୟୋଜନ କରାଯାଇଥିଲା। ପରିଚାଳନା କମିଟି ସଭାପତି କୁଞ୍ଜକିଶୋର ନାୟକ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିରେଖା ସାହୁ, ସମସ୍ତ ଛାତ୍ରୀଛାତ୍ର ଓ ଅଭିଭାବକ ନୀରବ ପ୍ରାର୍ଥନା କରିଥିଲେ।

# ପରିମଳ ବ୍ୟବସ୍ଥା ଦାୟିତ୍ୱ ବଣ୍ଟନକୁ ନେଇ ଉତ୍ତେଜନା

### ବିଦ୍ୟାଳୟ ଫାଟକରେ ତାଲା ପକାଇଲେ ମହିଳା

ବୈଶିଙ୍ଗା,୫।୨(ଡି.ଏନ.ଏ.)


ବିଦ୍ୟାଳୟ ଗେଟ ସମ୍ମୁଖରେ ଏକାଠି ହୋଇଥିବା ମହିଳାମାନେ।

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ମହିଷାଶୋଳ ପଞ୍ଚାୟତର ହେମପୁରସ୍ଥିତ କୈଳାଶ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ପରିମଳ ବ୍ୟବସ୍ଥାରେ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ କରି ଆରମ୍ଭ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଉତ୍ତେଜନା ପ୍ରକାଶ ପାଇବା ସହ ଗ୍ରାମର ମହିଳାମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇଥିଲେ। ପୋଲିସର ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, କୈଳାଶ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ସରକାରଙ୍କ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲା। ସେଠାରେ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ବିକାଶ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। କିଛି ଦିନ ପୂର୍ବରୁ ୫-ଟି ଅଧୀନରେ କାର୍ଯ୍ୟ ହୋଇଥିବା ସମସ୍ତ ବିଦ୍ୟାଳୟର ରକ୍ଷଣାବେକ୍ଷଣ ନିମନ୍ତେ ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ଦାୟିତ୍ୱ ଦିଆଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ନିଯୁକ୍ତ ଗୋଷ୍ଠୀଙ୍କୁ ସରକାର ନିର୍ଦ୍ଧାରିତ ଦରରେ ପ୍ରାପ୍ୟ ପ୍ରଦାନ ନିମନ୍ତେ ବ୍ୟବସ୍ଥା ରହିଛି। ଉକ୍ତ ବିଜ୍ଞପ୍ତିକୁ ଆଧାର କରି କୈଳାଶ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ହେମପୁର ଗ୍ରାମ ନିକଟସ୍ଥ ଶିଖରଖୁଣ୍ଟା ଗ୍ରାମର ମା' ସରସତୀ ସ୍ୱୟଂ ସହାୟିକା ଗୋଷ୍ଠୀକୁ ରକ୍ଷଣାବେକ୍ଷଣର ଦାୟିତ୍ୱ ମିଳିଥିଲା। ମାତ୍ର ହେମପୁର ଗ୍ରାମରେ ଥିବା ୫ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇବା ସହ ଧାରଣାରେ ବସି ରହିଥିଲେ। ନିଜ ଗ୍ରାମରେ ସ୍ୱୟଂ ସହାୟିକା ଗୋଷ୍ଠୀ ଥିବା ବେଳେ ଅନ୍ୟ ଗ୍ରାମର ଗ୍ରୁପକୁ କାହିଁକି ରକ୍ଷଣାବେକ୍ଷଣର ଦାୟିତ୍ୱ ଦିଆଗଲା ବୋଲି ଅଭିଯୋଗ କରିଥିଲେ। ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ତାଲା ନ ଖୋଲିବ ନାହିଁ ବୋଲି ସେମାନେ ଜିଦ୍ ଧରିଥିଲେ। ଅପରାହ୍ନରେ ବୈଶିଙ୍ଗା ପୋଲିସ ପହଞ୍ଚି ହସ୍ତକ୍ଷେପ କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ବେତନଟୀ ସିଡିପିଓଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ କଲ ଗ୍ରହଣ କରି ନ ଥିଲେ। ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରୁ ହେମପୁର ଗ୍ରାମର କୌଣସି ସ୍ୱୟଂ ସହାୟିକା ଗୋଷ୍ଠୀ ଆବେଦନ କରିନାହାନ୍ତି। ଶିଖରଖୁଣ୍ଟା ଗ୍ରାମର ମହିଳା ସ୍ୱୟଂସହାୟକ ଗୋଷ୍ଠୀର ପ୍ରଦର୍ଶନକୁ ନେଇ ଉଚ୍ଚ ରାଙ୍କିଙ୍ଗ ଥିବା ଯୋଗୁ ସରକାରୀ ନିୟମ ଅନୁସାରେ ନିଯୁକ୍ତି ଦିଆଯାଇଥିବା ସେ କହିଛନ୍ତି।

# ଖଇରା କଲେଜରେ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧ୍ୟୟନ କେନ୍ଦ୍ର


ଆଞ୍ଚଳିକ ଜୋନର ନିର୍ଦ୍ଦେଶକଙ୍କ ଗହଣରେ କଲେଜ ଛାତ୍ରୀଛାତ୍ର।

ଖଇରା, ୫।୨(ଡି.ଏନ.ଏ.)

ସମ୍ବଲପୁର ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଏକ ଅଧ୍ୟୟନ କେନ୍ଦ୍ର ଖଇରା କଲେଜ ପରିସରରେ ରବିବାର ଉଦ୍‌ଘାଟିତ ହୋଇଛି। ଓଡିଶା ଆଞ୍ଚଳିକ ଜୋନର ନିର୍ଦ୍ଦେଶକ ଡଃ ଭବେଶ ଚନ୍ଦ୍ର ମହାନ୍ତି ଓ ସହଯୋଗୀ ଅନନ୍ତ କୁମାର ଦାଶ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମୁକ୍ତ ବିଶ୍ୱବିଦ୍ୟାଳୟ ତରଫରୁ ମିଳୁଥିବା ସୁବିଧାସୁଯୋଗ ତଥା ଭବିଷ୍ୟତ ଗଠନ ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ଥିବା ୭୬ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରଶ୍ନ ପଚାରି ନିଜର ସନ୍ଦେହ ଦୂର କରିଥିଲେ। ସଭାକୁ ଓଡିଆ ବିଭାଗ ମୁଖ୍ୟ ଲକ୍ଷ୍ମଣ ଶତପଥୀ ପରିଚାଳନା କରିଥିବା ବେଳେ ପରିଚାଳନା ବୋର୍ଡ ସଭାପତି ମୁକ୍ତିକାନ୍ତ ଶତପଥି, ସଦସ୍ୟ ଛାୟାକାନ୍ତ ମାଝି, ପ୍ରାକ୍ତନ ବିଭାଗୀୟ ମୁଖ୍ୟ ଅନାଦି ଚରଣ ରାଉତ, ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇଥିଲେ। ଅଧ୍ୟୟନ କେନ୍ଦ୍ରର ସଂଯୋଜକ ବସନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପାଠ୍ୟକେନ୍ଦ୍ରର ସହଯୋଗୀ ଭାବେ ସୁଶାନ୍ତ କୁମାର ବିଶ୍ୱାଳ ଓ ଅଶୋକ କୁମାର ବେହେରାଙ୍କ ସମେତ ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ।

# ଭାଜପା ପକ୍ଷରୁ ବ୍ଲକ୍ ଘେରାଉ



ଭାଜପା କର୍ମୀ ଶୋଭାଯାତ୍ରାରେ ଯାଉଛନ୍ତି।

### ଆବାସ ଯୋଜନାରେ ଦୁର୍ନୀତି

ଝୁମ୍ପୁରା/ପାଟଣା,୫।୨(ଡି.ଏନ.ଏ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବଣ୍ଟନ କ୍ଷେତ୍ରରେ ଦୁର୍ନୀତି ଅଭିଯୋଗ ଆଣି ଭାଜପା ପକ୍ଷରୁ ରାଜ୍ୟରେ ବିକ୍ଷୋଭ ଜାରି ରହିଛି। ଏହି କ୍ରମରେ ଶନିବାର ଭାଜପା କର୍ମୀ ଝୁମ୍ପୁରା ବ୍ଲକ୍ ଘେରାଉ କରିବା ସହ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଘେରାଉରେ ସଦର ବିଧାୟକ ମୋହନ ଚରଣ ମାଝୀ, ଭାଜପା ଜିଲା ସମ୍ପାଦକ ଅନୁବ୍ରତ ବେହେରା, ଝୁମ୍ପୁରା ମଣ୍ଡଳ ସଭାପତି ମହେନ୍ଦ୍ର ପଟ୍ଟନାୟକ, ଭାଜପା ଯୁବମୋର୍ଚ୍ଚାର ହେମରନ ବାରିକ, ଅନିନ୍ଦ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଘେରାଉ ପୂର୍ବରୁ ଭାଜପା କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ବ୍ଲକ୍ ଛକରୁ ବାହାରି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ।

ସେହିପରି ସାହାରପଡ଼ା ବ୍ଲକ୍ କାର୍ଯ୍ୟାଳୟକୁ ଶତାଧିକ ଭାଜପା ନେତା ଓ କର୍ମୀ ଘେରାଉ କରିଥିଲେ। ୧୫ ଶହରୁ ଭାଜପା କର୍ମୀ ସାହାରପଡ଼ା ମୁଖ୍ୟାଳୟ ଷ୍ଟାଡ଼ିୟମରୁ ବାହାରି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ଜିଲା ମହିଳା ମୋର୍ଚ୍ଚା ସଭାପତି ମମତା ସିଂ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ତଥା ଜିଲା ଆଦିବାସୀ ମୋର୍ଚ୍ଚା ଉପ ସଭାପତି ମମିତା ନାଏକ, ଜିଲା ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସବୀର ଦାଶ, ପାଟଣା ନିର୍ବାଚନ ମଣ୍ଡଳୀ ପ୍ରଭାରୀ କୃପାସିନ୍ଧୁ ମହାନ୍ତ, ସଂଯୋଜକ ସୁଦର୍ଶନ ମହାନ୍ତ, ଅଶ୍ୱିନୀ ମହାନ୍ତ, ନରହରି ମହାନ୍ତ, ବୁଲୁ ବାରିକ, ରମେଶ ମହାନ୍ତ ପ୍ରମୁଖ ଯୋଗଦେଇ ବିଡିଓ ବିଜୟ ନାଏକଙ୍କୁ ୫ ସହ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ସହ ଦାବିପତ୍ର ପ୍ରଦାନ କରିଥିଲେ।

## ହୋମଗାର୍ଡଙ୍କ ଘରୁ ୬୦ ଖଣ୍ଡ ପିଆଶାଳ ପଟା ଜବତ

କେନ୍ଦୁଝର,୫।୨(ସ୍ୱ.ପ୍ର.)

କେନ୍ଦୁଝର ବନଖଣ୍ଡ ଅଧୀନସ୍ଥ ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ପକ୍ଷରୁ ନୟାକୋଟ ଗ୍ରାମରେ ବନବିଭାଗ ଚଢ଼ାଉ କରି ବିଶ୍ୱନାଥ ଡାଙ୍ଗୁଆଙ୍କ ଘରୁ ୬୦ ଖଣ୍ଡ ପିଆଶାଳ ପଟା ଜବତ କରିଛି। ଏହା ଜାନୁୟାରୀ ୩୦ରେ କେନ୍ଦୁଝରରୁ ବନ ବିଭାଗର ଫ୍ଲାଇଂ ସ୍କ୍ୱାଡ ଏହି କାଠ ଧରିଥିଲା। ବିଶ୍ୱନାଥଙ୍କ ପୁଅ ଚକ୍ରଧର ନୟାକୋଟ ଥାନାରେ ହୋମଗାର୍ଡ ଥିବାରୁ ତାଙ୍କୁ କାଠର କାଗଜପତ୍ର ଆଣିବାକୁ ୧୨ଦିନ ସୁଯୋଗ ଦିଆ ଯାଇଥିଲା ବୋଲି ଅଭିଯୋଗ ହୋଇଛି। ଏସବୁ କାଠ ଥାନାର ଜଣେ ମହିଳା କର୍ମଚାରୀଙ୍କର ବୋଲି ଜଣାପଡ଼ିଥିଲେ ହେଁ ଏହାକୁ ପୋଲିସ ଅସ୍ୱୀକାର କରିଛି। ଏଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସ୍ଥାନୀୟ ଲୋକେ କେନ୍ଦୁଝର ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି। ୧୨ ଦିନ ଧରି କାହା ନିର୍ଦ୍ଦେଶରେ କାଠ ଜବତ କରାଯାଇ ନ ଥିଲା, ଡିଏଫ୍‌ଓ ତାହାର ତଦନ୍ତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଡିଏଫ୍‌ଓ ଧନରାଜ ଏଚ.ଡି. କହିଛନ୍ତି, ପଟ୍ଟା ଜବତ ହୋଇଛି। ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି ବୋଲି କହିଥିଲେ। ଝିଅ ବାହାଘର ପାଇଁ କାଠ ଆଣି ରଖିଥିଲେ ବୋଲି ଅଭିଯୁକ୍ତ ବିଶ୍ୱନାଥ କହିଛନ୍ତି।

# ଜିଲାରେ ୨୬୬୩ ଅଯୋଗ୍ୟ ହିତାଧିକାରୀ

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା

କେନ୍ଦୁଝର, ୫।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲାର ୧୩ ଟି ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକାକୁ ନେଇ ବିବାଦ ଲାଗି ରହିଛି। ଏହାରି ଭିତରେ ଜିଲାରେ ୨୬୬୩ ଜଣ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇଛି। ତଦନ୍ତ ପରେ ତାଲିକା ପ୍ରକାଶ ପାଇଥିବା ବେଳେ କେବଳ ଘଟଗାଁ ବ୍ଲକ୍‌ରେ ଆଉ ୨ ଟି ତଦନ୍ତ ବାକି ଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

ଜିଲାରେ ସମୁଦାୟ ୫୬୦୦ ଟି ଅଭିଯୋଗ ଆସିଥିଲା। ସେଥିରୁ ୨୮୪୫ ଟି ଅନ୍‌ଲାଇନ, ୧୮୦୬ ବାକ୍ସରେ ଓ ୯୪୯ ଟି କଲ ସେଣ୍ଟର ଜରିଆରେ ଆସିଥିଲା। ସେଥିରୁ ୫୫୯୮ ଟି ଅଭିଯୋଗର ତଦନ୍ତ ଶନିବାର ସୁଦ୍ଧା ସରିଥିବା ବେଳେ ଅଯୋଗ୍ୟ ତାଲିକାରେ ସର୍ବାଧିକ ୬୩୮ ହାଟଡ଼ିହୀ ବ୍ଲକ୍‌ରେ ରହିଛି। ପରେ ୫୨୩ ଘଷିପୁରା ବ୍ଲକ୍, ୩୧୯ ସଦର, ୨୩୫ ଘଟଗାଁ, ୨୧୪ ଆନନ୍ଦପୁର, ୧୯୪ ତେଲକୋଇ, ୧୭୪ ବାଂଶପାଳ, ୧୬୫ ଝୁମ୍ପୁରା, ୭୫ ହରିଚନ୍ଦନପୁର, ୫୮ ସାହାରପଡ଼ା, ୩୮ ଚମ୍ପୁଆ, ପାଟଣା ବ୍ଲକ୍‌ରେ ୩୦ ଟି ଚିହ୍ନଟ ହୋଇଛି। ଯୋଡ଼ା ବ୍ଲକ୍‌ରେ ୫ ଅଭିଯୋଗ ହୋଇଥିଲେ ହେଁ ସମସ୍ତେ ଯୋଗ୍ୟ ବିବେଚିତ ହୋଇଥିବା ଜଣାପଡ଼ିଛି। ଅଯୋଗ୍ୟଙ୍କ ସଂଖ୍ୟା ଅଧିକ ହେବ, ଯୋଗ୍ୟ ମଧ୍ୟରେ ବହୁତ ଶାସକ ଦଳର କର୍ମୀ ସାମିଲ ରହିଥିବା ସଦର ବିଧାୟକ ମୋହନ ମାଝୀ ଅଭିଯୋଗ କରିଛନ୍ତି।

# ସିନ୍ଧୁକେଶ୍ୱର ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ



ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଭଦ୍ରକ ଅଫିସ,୫।୨

ଭଦ୍ରକ ଜିଲା ବନ୍ତ ବ୍ଲକ ଅଣିଜୋ ସିନ୍ଧୁକେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଜୟନ୍ତୀ କମିଟି ସଭାପତି ଡା. ଦାମୋଦର ପଣ୍ଡାଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ କହିଥିଲେ, ଅନୁଷ୍ଠାନର ପୁରାତନ ଐତିହ୍ୟକୁ ଜୟନ୍ତୀ ମନେ ପକାଇଥାଏ। ସମସ୍ତଙ୍କୁ ଏକତ୍ର କରି ନୂତନ ସଙ୍କଳ୍ପ ନେଇ କାର୍ଯ୍ୟ କରିବାକୁ ଏହି ଜୟନ୍ତୀ ପ୍ରେରଣା ଯୋଗାଇଥାଏ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ବୈଦିକ ପଣ୍ଡିତ ବିରେନ୍ଦ୍ର ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଜିଲା ପରିଷଦ ସଭ୍ୟା ରୁନୀତା ଦାସ, ବ୍ଲକ ଶିକ୍ଷାଧିକାରୀ ମଞ୍ଜୁଳାବାଳା ନାୟକ, ସାଧନ କେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ କୁମାର ନାୟକ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ନାୟକ, ଜିଲା ବିଜେଡି ଉପସଭାପତି ପ୍ରଶାନ୍ତ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଜଇନୁଲ ଆବେଦିନ ଅତିଥି ପରିଚୟ ଓ ରବୀନ୍ଦ୍ର ମୋହନ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ହତ୍ୟା ପଛରେ ଅନୈତିକ ସମ୍ପର୍କ

### ଭଡ଼ାଘରୁ ମହିଳାଙ୍କ ମୃତଦେହ ମିଳିବା ଘଟଣା

### ମୁଖ୍ୟ ଅଭିଯୁକ୍ତ ଗିରଫ

ବାସୁଦେବପୁର, ୫।୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଇରମ ଅଞ୍ଚଳର ଏକ ଭଡ଼ାଘରୁ ଜଣେ ମହିଳାଙ୍କ ମୃତଦେହ ଗତ ଗୁରୁବାର ମିଳିଥିଲା। ଗଣବଳାତ୍କାର ପରେ ତାଙ୍କୁ ହତ୍ୟା କରାଯାଇଥିବା ମୃତା ମହିଳାଙ୍କ ମା' ବାସୁଦେବପୁର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୫୬/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ଘଟଣାରେ ୫ଜଣଙ୍କ ନାଁରେ ମାମଲା ରୁଜୁ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ସତ୍ୟଜିତ ଓରଫ ବାପୁନୁ ମାଝୀ(୨୫)ଙ୍କୁ ପୋଲିସ ଗିରଫ କରିବା ସହ ହତ୍ୟା ରହସ୍ୟ ଉନ୍ମୋଚନ କରିଛି। ଅନୈତିକ ସମ୍ପର୍କ ହତ୍ୟାକାଣ୍ଡର କାରଣ ବୋଲି ପୋଲିସ ସୂଚନା ଦେଇଛି।

ପ୍ରକାଶ ଯେ, ମୃତା ମହିଳାଙ୍କ ସ୍ୱାମୀ ଜଣେ ମତ୍ସ୍ୟଜୀବୀ। ସେ ସ୍ତ୍ରୀ ଓ ଶିଶୁକନ୍ୟାଙ୍କୁ ନେଇ ଇରମ ଅଞ୍ଚଳରେ ଭଡ଼ାଘରେ ରହୁଥିଲେ। ସ୍ୱାମୀଙ୍କ ଅନୁପସ୍ଥିତିରେ ମହିଳାଙ୍କର ଘର ମାଲିକଙ୍କ ଭାଇଙ୍କ ପୁଅ ସତ୍ୟଜିତଙ୍କ ସହ ଅନୈତିକ ସମ୍ପର୍କ ଗଢ଼ି ଉଠିଥିଲା। ଗତ ୧ ତାରିଖ ରାତିରେ ସେ ସତ୍ୟଜିତଙ୍କୁ ଘରକୁ ଡକାଇ ତାଙ୍କୁ ବିବାହ କରିବାକୁ ବାଧ୍ୟ କରିଥିଲେ। ଏଥିରେ ସତ୍ୟଜିତ ରାଜି ନ ହେବାରୁ ମୋତେ ବିବାହ ନ କଲେ ଫାଶୀ ଦେଇ ମରିବି ବୋଲି ସେ ଧମକାଇଥିଲେ। ଏହି ସମୟରେ ସତ୍ୟଜିତ ସେଠାରୁ ପଳାଇଥିଲେ। ପୁଣି କିଛି ସମୟ ପରେ ସେ ମହିଳାଙ୍କ ଘରକୁ ଆସିଥିଲେ। ସେତେବେଳକୁ ମହିଳା ଜଣକ ରଶି ଲଗାଇବାକୁ ପ୍ରସ୍ତୁତ ହେଉଥିଲେ। ସତ୍ୟଜିତ ତାଙ୍କୁ ବୁଝାଶୁଝା କରି ବିଫଳ ହେବା ପରେ ଉତ୍ତ୍ୟକ୍ତ ହୋଇ ଉକ୍ତ ଫାଶୀ ଲୁଗାରେ ମହିଳାଙ୍କ ବେକକୁ ଚାପି ମାରି ଦେଇଥିଲେ। ଏହାପରେ ଅପରାଧ ଲୁଚାଇବା ପାଇଁ ମୃତଦେହକୁ ଲୁଗାରେ ଝୁଲାଇ ଦେଇ ସେ ପଳାଇଥିଲେ। ପଚରାଉଚରା ବେଳେ ସତ୍ୟଜିତ ସବୁ ସତ ମାନିଥିବା ଆଇଆଇସି ସାବିତ୍ରୀ ପଣ୍ଡା କହିଛନ୍ତି। ସୂଚନାଥାଉ କି, ଭଡ଼ାଘର ବକେୟା ଟଙ୍କା ନ ଦେବାରୁ ଘର ମାଲିକ ଓ ତାଙ୍କ ସହଯୋଗୀମାନେ ମିଶି ମହିଳାଙ୍କୁ ବଳାତ୍କାର ପରେ ମାରି ଦେଇଥିବା ତାଙ୍କ ମା' ଏତଲାରେ ଉଲ୍ଲେଖ କରିଥିଲେ।

# ମେଧା ଅନ୍ୱେଷଣ ପରୀକ୍ଷା

ବାରିପଦା ଅଫିସ,୫।୨


ପରୀକ୍ଷାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ର।

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ମେଧା ଅନ୍ୱେଷଣ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ଚିତ୍ତରଞ୍ଜନ ପଲତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୋଟ ୮ଟି କେନ୍ଦ୍ରରେ ସମ୍ପାଦିତ ହୋଇଯାଇଛି। ଜିଲାର ବି.ସି. ହାଇସ୍କୁଲ ମୁଷାଗଡ଼ିଆ, ଭଞ୍ଜପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଈଶ୍ୱରଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଖେରଣା, କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟ, ସଠିଲ ଉଚ୍ଚ ବିଦ୍ୟାଳୟ, ଶୁଳିଆପଦା ସରକାରୀ ଉଚ୍ଚ ବିଦ୍ୟାଳୟ, ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ, ଉଦଳା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଭୃତି ପରୀକ୍ଷା କେନ୍ଦ୍ରରେ ୬୫୦ରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ଏଥିରେ ଭାଗ ନେଇଥିଲେ। ସଂଗଠନ ପକ୍ଷରୁ ପ୍ରତି ପରୀକ୍ଷା କେନ୍ଦ୍ରରେ ନିଯୁକ୍ତ ତତ୍ତ୍ୱାବଧାରକମାନେ ଠିକ୍ ସମୟରେ ପହଞ୍ଚି ପରୀକ୍ଷାକୁ ସୁଚାରୁ ରୂପେ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋର ଆଚାର୍ଯ୍ୟ, ଜ୍ଞାନରଞ୍ଜନ ପାଣିଗ୍ରାହୀ, କୋକିଳ ଚନ୍ଦ୍ର ମହାନ୍ତ, ସତ୍ୟବ୍ରତ ମହାପାତ୍ର, ସନ୍ତୋଷ କୁମାର କାସ୍ତ, ଦୁର୍ଯ୍ୟୋଧନ ବେହେରା ଓ ବିଜୟ କୁମାର ପାଣିଗ୍ରାହୀ ପ୍ରମୁଖ ବିଭିନ୍ନ କେନ୍ଦ୍ରରେ ତତ୍ତ୍ୱାବଧାରକ ଭାବରେ କାର୍ଯ୍ୟ ତୁଲାଇଥିଲେ। ପରୀକ୍ଷାରେ ସର୍ବୋଚ୍ଚ ୧୦୦ ସ୍ଥାନରେ ଥିବା ପ୍ରତିଯୋଗୀଙ୍କୁ ଓଷ୍ଟା ପକ୍ଷରୁ ମାସିକ ୩୦୦ ଟଙ୍କା ଲେଖାଏ ୧୫ ମାସ ପର୍ଯ୍ୟନ୍ତ ବୃତ୍ତିରାଶି ଦିଆଯିବାର ବ୍ୟବସ୍ଥା ରହିଛି। ପ୍ରତି ବର୍ଷ ନଭେମ୍ବର ମାସରେ ଏହି ପରୀକ୍ଷା ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ ଅନ୍‌ଲାଇନ ମାଧ୍ୟମରେ ଫର୍ମ ପୂରଣ ବ୍ୟବସ୍ଥା ଯୋଗୁଁ ଏହା ବିଳମ୍ବିତ ହୋଇ ଫେବୃଆରୀ ମାସରେ ଅନୁଷ୍ଠିତ ହୋଇଛି। ଓଷ୍ଟାର ରାଜ୍ୟ ସମ୍ପାଦକ ଭରତ ଚନ୍ଦ୍ର ବରାଳଙ୍କ ଉଦ୍ୟମରେ ରାଜ୍ୟସ୍ତରରେ ଏହି ପରୀକ୍ଷା ସୁବ୍ୟବସ୍ଥିତ ଭାବେ ହୋଇପାରିଛି।

## ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟ,ଭଦ୍ରକ ଚାମ୍ପିୟନ

ଖୁଣ୍ଟା,୫।୨(ଡି.ଏନ.ଏ.)

ଖୁଣ୍ଟା ମିନିଷ୍ଟାଡିୟମଠାରେ ଜୟ ହନୁମାନ କ୍ଲବ ଆନୁକୁଲ୍ୟରେ ୬ଷ୍ଠ ବାର୍ଷିକ ଆନ୍ତଃଜିଲା ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲାରୁ ମୋଟ ୬ ଟିମ୍ ଅଂଶଗ୍ରହଣ କରିଥିଲେ। ଅତିଥି ଭାବେ ସାନଖୁଣ୍ଟା ସରପଞ୍ଚ ସୁମୀ ହାଁସଦା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚରେ ସୁଚିତ୍ରା ଫାଇଟରକୁ ହରାଇ ଟିକ୍କୁ ଏକାଦଶ ଭଦ୍ରକ ଚାମ୍ପିୟନ ହୋଇଥିଲା। କ୍ଲବ ସଭାପତି ସଂଗ୍ରାମ କେଶରୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଜିଲା ଆଥଲେଟିକ୍ ଆସୋସିଏଶନ ସଦସ୍ୟ ପ୍ରଦୋଷ ଦାସ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ସମ୍ପାଦକ ରୋହିତ ସାହୁଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଗୋଚର ଜମିରେ ପୋଖରୀ ଖନନ

### ଅଭିଯୋଗ ପାଇ ପ୍ରଶାସନ ଚୁପ୍

ରୂପସା, ୫।୨(ଡି.ଏନ.ଏ.)


ସରକାରୀ ଜମିରେ ଖୋଳାଯାଉଥିବା ପୋଖରୀ।

ବାଲେଶ୍ୱର ସଦର ଥାନା ହଳଦୀପଦା ଫାଣ୍ଡି ଅଧୀନ ଚଷାଖଣ୍ଡ ପଞ୍ଚାୟତ ପଦାବଡ଼ଗାଁ ଗ୍ରାମରେ ବେଆଇନ ପୋଖରୀ ଖନନ ଯୋଗୁ ଉତ୍ତେଜନା ଦେଖାଦେଇଛି। ପଞ୍ଚାୟତ ହାଇସ୍କୁଲ ନିକଟରେ ଥିବା ଗୋଚର ଜମି ଓ ସର୍ବସାଧାରଣ ରାସ୍ତାରେ ହେଉଥିବା ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ଏହି ପୋଖରୀ ଖୋଳା କାର୍ଯ୍ୟ ନାଁରେ ଲକ୍ଷାଧିକ ଟଙ୍କା ଲୁଟ୍ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସରକାରୀ ଜମିରେ ପୋଖରୀ ଖୋଳା ବନ୍ଦ ହେଉ ବୋଲି ଗ୍ରାମବାସୀ ଜିଲାପାଳ ଓ ରେମୁଣା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ ହେଁ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ପଞ୍ଚାୟତ କର୍ତ୍ତୃପକ୍ଷ, ବିଭାଗୀୟ ଜେଇ ଓ ପ୍ରଧାନ ଶିକ୍ଷକଙ୍କ ସଲାସୁତୁରାରେ ବେଆଇନ ପୋଖରୀ ଖନନ ସହ ସରକାରୀ ଅର୍ଥ ହଡ଼ପ ହେଉଥିବା ଗ୍ରାମବାସୀ ବୃହସ୍ପତି ଦାସ, ଖଗେଶ୍ୱର ପରିଡ଼ା, ଦିବାକର ଚୌଧୁରୀ, ଜଗନ୍ନାଥ ବେହେରା, ବିଷ୍ଣୁପ୍ରିୟା ମହାନ୍ତି, କବିତା ରାଉତ, ହରେନ୍ଦ୍ର ନାରାୟଣ ଦାସ, କରୁଣାକର ଜେନା ପ୍ରମୁଖ ଜିଲାପାଳ ଓ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ବିଭାଗ ପକ୍ଷରୁ ମନମୁଖୀ ତଥା ଜବରଦସ୍ତ କାର୍ଯ୍ୟ ଚାଲୁ ଥିବାରୁ ଉତ୍ତେଜନା ଲାଗି ରହିଛି। ଏ ଦିଗରେ ତୁରନ୍ତ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।

